ସକାଳ THE SAKALA


ବାଣଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷରେ ମୃତ୍ୟୁ ଘଟଣା

# ପ୍ରଶାସନର ପ୍ରତିଶ୍ରୁତି ପରେ ଉଠିଲା ଶବ





ବାଦଲଙ୍କ ସ୍ତ୍ରୀଙ୍କୁ ଏସ୍ଏମସିରେ ଚାକିରି, ଛୁଆଙ୍କ ପଢ଼ା ପାଇଁ ମାସିକ ୪ ହଜାର ଦେବ ପ୍ରଶାସନ

ସମ୍ବଲପୁର, ୧୫।୧୧(ସମିସ)

କ୍ଷେତରାଜପୁର ଥାନା ମୁଙ୍ଗାପଡ଼ାରେ ଦୀପାବଳି ଦିନ ବାଣଫୁଟାକୁ ନେଇ ହୋଇ ଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଆହତ ହୋଇଥିବା ବାଦଲ ତାଣ୍ଡିଙ୍କ ଚିକିତ୍ସିତ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ଶୁକ୍ରବାର ଅପରାହ୍ଣରେ ନିଜ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ନ୍ୟାୟ ସହ ବାଦଲଙ୍କ ପରିବାରକୁ କ୍ଷତିପୂରଣ ମିଳିବା ନେଇ ପଡ଼ାବାସୀ କ୍ଷେତରାଜପୁର ବଜାର ଠାରେ ରାସ୍ତା ଉପରେ ଶବରଖି ରାସ୍ତାରୋକ କରିଥିଲେ।ବାଦଲଙ୍କ ରୋଜଗାରରେ ପରିବାର ଚଳୁଥିଲା। ହେଲେ ଏବେ ୩ଟି ଛୁଆ ଓ ସ୍ତ୍ରୀ କଥା ପ୍ରଶାସନ ବୁଝିବ ବୋଲି ଦାବି କରିଥିଲେ। ଏପରିକି ତିନି ଛୁଆଙ୍କୁ ଏକ କୋଟି ହିସାବରେ ୩ କୋଟି କ୍ଷତିପୂରଣ ଓ ସ୍ତ୍ରୀଙ୍କୁ ଉପଯୁକ୍ତ ଥଇଥାନ କରିବାଲାଗି ପଡ଼ାବାସୀ ଆନ୍ଦୋଳନ କରିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ୬ ପ୍ଲାଟୁନ ପୁଲିସ ଫୋର୍ସ, ସମସ୍ତ ଥାନା ଅଧିକାରୀ, ଏସ୍‌ଡିପିଓ, ଅତିରିକ୍ତ ଏସ୍‌ପି ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

ପ୍ରଶାସନ ପକ୍ଷରୁ ପିଲାଙ୍କ ପାଠ ପଢ଼ାଲାଗି ମାସିକ ୪ ହଜାର, ବାଦଲଙ୍କ ସ୍ତ୍ରୀଙ୍କୁ ଏସ୍ଏମସିରେ ଚାକିରି ଓ ବିଧବା ଭତ୍ତା ସହ ରେଡକ୍ରସ୍ ପାଣ୍ଠି ଓ ପ୍ରଶାସନ ପକ୍ଷରୁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏସସି-ଏସଟି ଆକ୍ଟରେ ପର୍ଯ୍ୟାୟ କ୍ରମେ ୮ ଲକ୍ଷ ଟଙ୍କା ମଧ୍ୟ ମିଳିବ ବୋଲି ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛି।।ସୂଚନା ମୁତାବକ ପୁଲିସ ଏପର୍ଯ୍ୟନ୍ତ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିଛି। କିଛି ଦିନ ପୂର୍ବରୁ ମୁଖ୍ୟ କାର୍ପଟଦାରକୁ ଗିରଫ ସହ ବାଦଲ ଚିକିତ୍ସା ବାବଦକୁ କ୍ଷତିପୂରଣ ଦେବାକୁ ମୁଙ୍ଗାପଡ଼ାବାସୀ ଦାବି କରି ରାସ୍ତା ରୋକ ମଧ୍ୟ କରିଥିଲେ। ସୂଚନା ଅନୁସାରେ ଦୀପାବଳି ରାତିରେ କ୍ଷେତ୍ରସନପଡ଼ାର କିଛି ଯୁବକ ମୁଙ୍ଗାପଡ଼ାରେ ବାଣ ଫୁଟାଇଥିଲେ। ଏହାକୁ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ତେଣୁ କ୍ଷେତ୍ରସନପଡ଼ାର ଯୁବକମାନେ ମୁଙ୍ଗାପଡ଼ାର ଘର ଉପରକୁ ବାଣ ଛାଡ଼ିଥିଲେ। ଯାହାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ମୁଙ୍ଗାପଡ଼ା ଓ କ୍ଷେତ୍ରସନପଡ଼ାର ୨ ଗୋଷ୍ଠୀ ମଧ୍ୟରେ ଜୋରଦାର ମାରପିଟ ହୋଇଥିଲା। ହେଲେ ବାଦଲ ଗୁରୁତର ହୋଇ ଚିକିତ୍ସିତ ହେଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଦିନ ମୃତ୍ୟୁ ଘଟିଛି। ଯାହାକୁ ନେଇ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ବାଇକ୍ ଶୋଭଯାତ୍ରା

**ସମ୍ବଲପୁର, ୧୫।୧୧(ସମିସ):** ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ସମ୍ବଲପୁର ଶାଖା ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅଇଁଠାପାଲିରୁ ମୋଦିପଡ଼ା, ଲକ୍ଷ୍ମୀ ଟକିଜ, ଅଶୋକା ଟକିଜ, ନେଲସନ ମଣ୍ଡେଲା ଛକ ଦେଇ ଦୁର୍ଗାପାଲି ପର୍ଯ୍ୟନ୍ତ ସଂଘଠିତ ହୋଇଥିଲା। ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦ ମୁଖ୍ୟ ଅତିଥି ଓ ପ୍ରହ୍ଲାଦ ରୋହିଦାସ, ଅମର ତାଣ୍ଡିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୋଦିପଡ଼ାସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଦୁର୍ଗାପାଲି କଲ୍ୟାଣ ଗୃହରେ ଆଦିବାସୀ ସଂଘ ତରଫରୁ ସଂଘର ସଭାପତି ତରଣୀସେନ ଖଡିଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଇନଜୀବୀ ଦିଲୀପ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଗକୁ ବଢ଼ିବାକୁ ହେଲେ ଏକତା ନିହାତି ଦରକାର ବୋଲି ମତବ୍ୟକ୍ତ କରିଥଲେ। ସଭାରେ ସଂଗଠନର ସାଧାରଣ ସମ୍ପାଦକ ଯୁବରାଜ ଭୋଇ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ବର୍ଗେ, ଯୁଧିଷ୍ଠିର ମାଝୀ, ଅକ୍ଷୟ କୁମାର ଭୋଇ ଏବଂ କର୍ମଚାରୀ ପରିଷଦର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ରୋହିଦାସ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବସନ୍ତ କୋକବାଗ, ଲଳିତ ଖଡିଆ, ରାଜୁ ଖଡିଆ, ରମାକାନ୍ତ ଖଡିଆ, ଗୁଜୁ ଖଡିଆ, ଜୟ ଖଡିଆ, ସାଗର ମୁଣ୍ଡା, ଦେବହରି ଖଡିଆ, ରାମଚନ୍ଦ୍ର ଖଡିଆ ସୁରେନ୍ଦ୍ର ଓରାମ ଓ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ବସନ୍ତ କୋକବାଗ ଧନ୍ୟବାଦ ଅର୍ପଣ କରିଥିଲେ।



## ସୁଇଟ୍‌ରେ ରାଗିଂ: ଦୋଷୀ ଛାତ୍ର ୬ ମାସ ନିଲମ୍ବିତ

**ବୁର୍ଲା, ୧୫।୧୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସୁଇଟ୍ ବି-ଟେକ୍ ମହାବିବିଦ୍ୟାଳୟରେ ରାଗିଂ ଅଭିଯୋଗ ହୋଇଛି। ସ୍ୱାଗତ ସମାରୋହରେ ସର୍ବସମ୍ମୁଖରେ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ନିର୍ଯାତନା ଦିଆଯାଇଛି। ବଳପୂର୍ବକ ସମ୍ପୃକ୍ତ ଛାତ୍ରଙ୍କ ଦାଢ଼ି ଟ୍ରିମରରେ କାଟି ଦେଇଛନ୍ତି ତୃତୀୟ ବର୍ଷର ବରିଷ୍ଠ ଛାତ୍ର। ଅଭିଯୋଗ ପ୍ରମାଣିତ ହେବା ପରେ ଅଭିଯୁକ୍ତ ଛାତ୍ରଙ୍କୁ ୬ ମାସ ପାଇଁ କଲେଜରୁ ନିଲମ୍ବନ କରାଯାଇଛି। ଗତ ବୁଧବାର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତୃତୀୟ ବର୍ଷର ଉକ୍ତ ଛାତ୍ର ଜଣକ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କ ଦାଢ଼ି କାଟିବାକୁ କହିଥିଲେ। ନଚେତ୍ ନିଜେ କାଟିଦେବେ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ତୃତୀୟ ବର୍ଷ ଛାତ୍ର ଜଣକ ଟ୍ରିମର୍ ଧରି ନବାଗତ ଛାତ୍ରଙ୍କ ଦାଢ଼ି କାଟି ଦେଇଥିଲେ। ଘଟଣା ସମ୍ପର୍କରେ ଛାତ୍ର ଜଣକ ସୁଇଟ୍ ନିର୍ଦ୍ଦେଶକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଦୋଷୀ ଛାତ୍ରଙ୍କୁ ୬ ମାସ ପାଇଁ କଲେଜରୁ ନିଲମ୍ବନ କରାଯାଇଛି। ଘଟଣାର ତଦନ୍ତ କରି ଦୋଷୀ ଛାତ୍ରଙ୍କୁ ୬ ମାସ ପାଇଁ କଲେଜରୁ ନିଲମ୍ବନ କରାଯାଇଛି। ଏନେଇ ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା କୁହନ୍ତି, ଏହା ରାଗିଂ ନୁହେଁ, ନବାଗତଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଦୁଇ ଛାତ୍ରଙ୍କ ମଧ୍ୟରେ ସାମାନ୍ୟ କଥା କଟାକଟି ହୋଇଥିଲା ସମାଧାନ ହୋଇସାରିଛି ବୋଲି କହିଛନ୍ତି।

## ଜିଏମ୍‌ୟୁରେ ଜନଜାତୀୟ ଗୌରବ ଦିବସ

**ସମ୍ବଲପୁର, ୧୫।୧୧(ସମିସ):** ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ସମଗ୍ର ଭାରତ ବର୍ଷରେ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯାଉଛି।ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାଠାରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ ତାରିଖକୁ ଜନଜାତୀୟ ଗୌରବଦିବସ ରୂପେ ପାଳନ କରାଯାଉଛି।ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କାର୍ଯ୍ୟକ୍ରମର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ସୁଶ୍ରୀ ସୋହାନି ମିଶ୍ର, ଆଇଶା ପଣ୍ଡା ଏବଂ ଇତିହାସ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

**ଜମନକିରା, ୧୫।୧୧(ସମିସ):** ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ବିଶ୍ୱ ସେବା ସରକାରୀ ଅର୍ନ୍ତଦୃଷ୍ଟି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୨୪ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ ସହ ଯୋଗଦାନ କରିଥିଲେ। ଶିଶୁଦିବସର ସଭା ସହ ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସଭା ପରିଚାଳନା କରିଥିଲେ। ଖର୍ସନମାଲ ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଓ ଚୂଡାମଣି ବାଗ ବିଚାରକ ଭାବେ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଥିଲେ। ବିଜ୍ଞାନ ପ୍ରକଳ୍ପରେ ଉତ୍କଳ କୁମାର ପ୍ରଧାନ ପ୍ରଥମ, ଝରଣା ସଲିମା ଦ୍ୱିତୀୟ ଓ ଶୁଭଶ୍ରୀ କାଣ୍ଡ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗଣିତ ପ୍ରକଳ୍ପରେ ଇତିଶ୍ରୀ ସାହୁ ପ୍ରଥମ, ସ୍ୱାସତୀ ମେହେର ଦ୍ୱିତୀୟ ଓ ରଶ୍ମିତା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ସମୀର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ଏସ୍ଏମଡିସି ସଦସ୍ୟ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦାନ କରିଥିଲେ।

## ଲଖନପୁରରେ ରାହାସ ପୂର୍ଣ୍ଣିମା ଯାତ୍ରା ସମ୍ପନ୍ନ

**ରେଢ଼ାଖୋଲ, ୧୫।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ ୧୦ ଲଖନପୁର ଗ୍ରାମରେ ୧୫ ତମ ରାହାସ ପୂର୍ଣ୍ଣିମା



ଯାତ୍ରା ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ଯୁବକ ସଂଘ ସଭାପତି ଟୁନା ପ୍ରଧାନ ସହିତ ତାଙ୍କର ସପତ୍ନୀ ବିଷ୍ଣୁପ୍ରିୟା ପ୍ରଧାନ ହୋମ ଯଜ୍ଞରେ ଦାୟିତ୍ୱ ତୁଲାଇଥିଲେ।ପୂଜକ ଭାବରେ ବଶିଷ୍ଟ ନନା ରୀତିନୀତି ବିଦ୍ଧିବିଦ୍ଧ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞରେ ବିଶେଷ ଆକର୍ଷଣ ମହିଳାଙ୍କ ନାମ କୀର୍ତ୍ତନ ପରିଲକ୍ଷିତ ହୋଇଥିଲା। ଏଥିରେ ନାକଟିଦେଉଳ କୀର୍ତ୍ତନ ମଣ୍ଡଳୀ, ମୌଲାଭଞ୍ଜା, ଝାରବେଡା ଓ ନୂଆସାହି, ଲୁହାପଙ୍କ ଏବଂ ରାଜବାଟି ଅଞ୍ଚଳର କୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। ରାହାସ ପୂର୍ଣ୍ଣିମା ଯାତ୍ରାରେ ଶ୍ରଧାକର ସାହୁ, ହରି ମୁଣ୍ଡା, ଶାନ୍ତନୁ ଷଣ୍ଢ, ଦୁଷ୍ମନ୍ତ ସାହୁ, ରାଜୁ ସେକ୍, ପ୍ରକାଶ ମୁଣ୍ଡା, କିଶୋରୀ ବାଙ୍କ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ସହିତ ଗ୍ରାମବାସୀ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ସଚେତନତା ଶିବିର



**ସମ୍ବଲପୁର, ୧୫।୧୧(ସମିସ):** ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ସମ୍ବଲପୁର ସହରସ୍ଥିତ ଜଗନ୍ନାଥ କଲୋନୀ ପାର୍କରେ ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସଚେତନତା ଶିବିର ପିଏମ୍ ସୂର୍ଯ୍ୟଘର ଯୋଜନାକୁ ପ୍ରୋତ୍ସାହିତ କରିବା ସହ ପଶ୍ଚିମଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସୁଲଭ ସବୁଜ ଶକ୍ତି ସମାଧାନ ପ୍ରଦାନ କରିବା ଦିଗରେ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରତିବଦ୍ଧତାର ଏକ ଅଂଶବିଶେଷ। ଶିବିରରେ ସୌରଶକ୍ତିର ଲାଭ, ନବୀକରଣଯୋଗ୍ୟ ଶକ୍ତି ଉତ୍ସକୁ ସ୍ଥାନାନ୍ତରିତ ହେବାର ପରିବେଶଗତ ଲାଭ ଏବଂ ସୌର ପ୍ରଣାଳୀ କିପରି ପରିବାର ପାଇଁ ବିଦ୍ୟୁତ୍ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ ପରାମର୍ଶ ପ୍ରଦାନ କରାଯାଇଥିଲା। ଶିବିରରେ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରତିନିଧିମାନେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ପଞ୍ଜୀକରଣର ବିସ୍ତୃତ ପ୍ରକ୍ରିୟା, ଯୋଗ୍ୟତା ମାନଦଣ୍ଡ, ସୋଲାର ପ୍ୟାନେଲ୍ ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ସୌରଶକ୍ତି ପ୍ରଣାଳୀର ପରିଚାଳନା ବିଷୟରେ ବର୍ଣ୍ଣନା କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଶିବିରର ବିପୁଳ ସଫଳତା ସହିତ, ଟିପିଡବ୍ଲ୍ୟୁଓଡିଏଲ୍ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସମାନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଯୋଜନା କରିଛି ବୋଲି କହିଛନ୍ତି।

ବେଦିକ ସ୍କୁଲ ପକ୍ଷରୁ ସ୍କୁଲ ସାର୍କ ଟ୍ୟାଙ୍କ୍

## ୧୨ଟି ବିଜନେସ୍ ଆଇଡିଆ ବାଣ୍ଟିଲେ ଛାତ୍ରଛାତ୍ରୀ

**ବୁର୍ଲା, ୧୫।୧୧(ସମିସ):** ଆଇଆଇଏମ୍ ପରିସରରେ ବେଦିକ ଇଣ୍ଟର ନ୍ୟାସନାଲ ସ୍କୁଲ ପକ୍ଷରୁ ଇଣ୍ଟର ନ୍ୟାସନାଲ ଏଣ୍ଟରପ୍ରେନରସିପ୍ ଡେ ଅବସରରେ ସ୍କୁଲ ସାର୍କ ଟ୍ୟାଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ୧୨ ଜଣ ଛାତ୍ରଛାତ୍ରୀ ଭବିଷ୍ୟତ ବିକାଶ ଲକ୍ଷ୍ୟନେଇ ୧୨ଟି ବିଜନେସ ଆଇଡିଆ ଉପସ୍ଥାପନା କରିବା ସହ ମାର୍କେଟିଂ, ଲକ୍ଷ୍ୟ, ବ୍ୟବସାୟିକ ସଫଳତା ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଛନ୍ତି। କୃଷି, ବୋୟା ଓ୍ୱେଷ୍ଟ, ଇନ୍‌ଫ୍ରାଷ୍ଟକଚର୍ ପରି ଅପାର ସମ୍ଭାର ରଖୁଥିବା କ୍ଷେତ୍ରରେ ପ୍ରୋଜେକ୍ଟ ତିଆରି କରି ଉପସ୍ଥାପନା କଲା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଜଣାଶୁଣା ୮ଜଣ ସଫଳ ଯୁବ ଉଦ୍ୟୋଗୀଙ୍କୁ ସାମିଲ କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ ବାର୍ତ୍ତା ଦେଇ ଆଜିର ଦିନ ଓଡ଼ିଶାର ଉତ୍କଳୀୟ ନୌବାଣିଜ୍ୟ ପରାମ୍ପରା ଉପରେ କହିଛନ୍ତି। ଆମର ଓଡିଆ ଜାତି ଅତୀତର ଅକାତ ଅକତା ପାଣିରେ ଡଙ୍ଗାରେ ଯାଇ ବ୍ୟବସାୟ କରି ଫେରିଛି। ଉଦ୍ୟୋଗୀ ବଢ଼ିଲେ ବିକଶିତ ଓଡ଼ିଶା ସମ୍ଭବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାଯଁକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ହୋତା ଯୋଗ ଦେଇ ଇକର୍ମର୍ସ ଫଳରେ



ଖୁଚୁରା ବ୍ୟବସାୟୀଙ୍କ ଉପରେ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ ଯୋଗ ଦେଇ ଆଇଆଇଏମ୍ ଓଡ଼ିଶାର ଔଦ୍ୟଗିକ ବିକାଶରେ ସବୁବେଳେ ତତ୍ପର ବୋଲି କହିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ବନାଇବା ସହ ବିଶ୍ୱସ୍ତରରେ ଛିଡା କରିବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଦିକ ଇଣ୍ଟର ନ୍ୟାସନାଲ ସ୍କୁଲର ଚେୟାରମ୍ୟାନ୍ ଆନନ୍ଦ ଅଗ୍ରୱାଲ କହିଛନ୍ତି।

## ଏଆଇପିଏନ୍‌ବିଓଏର ବାର୍ଷିକ କ୍ରୀଡ଼ା ସମ୍ମିଳନୀ

**ସମ୍ବଲପୁର, ୧୫।୧୧(ସମିସ):** ସର୍ବଭାରତୀୟ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ପକ୍ଷରୁ ପଞ୍ଚମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ଚଳିତ ମାସ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ସମ୍ବଲପୁରର ରେଲୱେ ୟାର୍ଡ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହେଉଛି। ବ୍ୟାଙ୍କର ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ଆଦି ୫ ଟି ମଣ୍ଡଳର ଅଧିକାରୀଗଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବ୍ୟାଙ୍କର ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ ମେହେର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଆଲୋକ ରଞ୍ଜନ ସେନାପତି, ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ, ତ୍ରୈଲୋଚନ ସାହୁ, ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସେକ୍ରେଟାରୀ, ଭୁବନେଶ୍ୱର, ଓଡ଼ିଶା, ଦୀପକ ପ୍ରଧାନ, ସର୍କଲ ସେକ୍ରେଟାରୀ, କଟକ, ଆକାଶ ଦାଶ, ସର୍କଲ ସେକ୍ରେଟାରୀ ବାଲେଶ୍ୱର, ପି. ସନ୍ତୋଷ ପାତ୍ର, ସର୍କଲ ସେକ୍ରେଟାରୀ, ବ୍ରହ୍ମପୁର ଏବଂ ସୁନିଲ କେର୍କେଟା, ସର୍କଲ ସେକ୍ରେଟାରୀ, ସମ୍ବଲପୁରଙ୍କ ସମେତ ବହୁ ସଂଖ୍ୟକ ଅଧିକାରୀଗଣ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଧାର୍ମିକ ମାସର ଶେଷ ଦିନ

## ନଦୀ, ପୋଖରୀରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

ସମ୍ବଲପୁର, ୧୫।୧୧(ସମିସ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଧାର୍ମିକ କାର୍ତ୍ତିକ ମାସର ଶେଷ ଦିନ। ନଦୀ, ପୋଖରୀ ତୁଠରେ ବୋଇତ ବନ୍ଦାଣ କରି, ଗୀତ ଗାଇ ଡଙ୍ଗା ଭସାଇଲେ ଭକ୍ତ। ଡଙ୍ଗା ଭସାଇ ବ୍ରତ ଭାଙ୍ଗିଛନ୍ତି ହବିଷ୍ୟାଳି। ଭୋରରୁ ଡଙ୍ଗା ଭସାଇବାକୁ ମହାନଦୀ ଅଯୋଧ୍ୟା ସରୋବର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସଂସ୍କୃତି ଓ ପରମ୍ପରାର ପର୍ବ କାର୍ତ୍ତିକ ପୂର୍ଣ୍ଣିମାକୁ ଉତ୍ସାହର ସହ ଚାରିଆଡ଼େ ପାଳନ କରାଯାଇଥିଲା।ଭୋରରୁ ନଦୀରେ ବୁଡ଼ ପକାଇବା ପରେ କଦଳୀ ପାଟୁକା ଓ ସୋଲରେ ତିଆରି ବିଭିନ୍ନ ରଙ୍ଗ ବେରଙ୍ଗର ଡଙ୍ଗାରେ ପାନଗୁଆ ରଖି ଦୀପ ଜାଳି ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ। ଡଙ୍ଗା ଭସା ଯିବା ପରେ ଶୈବ ପୀଠକୁ ଦର୍ଶନ ପାଇଁ ଯାଇଥିଲେ। କାର୍ତ୍ତିକ ମାସର ଶେଷ ଦିନ ହୋଇଥିବାରୁ



ବିଭିନ୍ନ ଦେବାଦେବୀଙ୍କ ପୀଠରେ ମଧ୍ୟ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସମ୍ବଲପୁର ସମଲେଇ ମନ୍ଦିର, ପାଟଣେଶ୍ୱରୀ, ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିର, ବାଲିବନ୍ଧାର ସୋମନାଥ ମନ୍ଦିର, ମୁଦିପଡ଼ା ଗୁରୁଦ୍ୱାରା, ଦଲେଇପଡ଼ା ମନ୍ଦିର, ବୁଢାରଜା ଶିବ ମନ୍ଦିର, ନନ୍ଦପଡ଼ା ଜଗନ୍ନାଥ ମନ୍ଦିର ପ୍ରମୁଖ ସହର ମନ୍ଦିର ଗୁଡିକରେ ଭିଡ଼ ଲାଗି ରହିଥିଲା। ସେହିପରି ମାନେଶ୍ୱର ମାନଧାତା ବାବା, ହୁମା ବିମଳେଶ୍ୱର ବାବା, ଘଣ୍ଟେଶ୍ୱରୀ ଦେବୀ ଭଳି ପୀଠ ଗୁଡିକରେ ଭକ୍ତମାନେ ଦର୍ଶନ କରି ଆଶିଷ ନେଇଥିଲେ। ମନ୍ଦିର ଗୁଡିକରେ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଜିନିୟସ କିଡ୍ସ ସ୍କୁଲର ବାର୍ଷିକୋତ୍ସବ



**ସମ୍ବଲପୁର, ୧୫।୧୧(ସମିସ):** ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ଅନ୍ତର୍ଗତ ଗୋଶାଳାସ୍ଥିତ ଜିନିୟସ କିଡ୍ସ ସ୍କୁଲର ବାର୍ଷିକୋତ୍ସବ ସ୍କୁଲର ଅଧ୍ୟକ୍ଷା ଅନିତା ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ କଳାମାଟି ସରପଞ୍ଚ ସୁଷମା ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୌମେଶ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୌରଟିକ୍ରା ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗ, ନୃତ୍ୟ, ଗୀତ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଛୋଟ ଛୋଟ ପିଲାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ନୀତମ, ପୋନି ସ୍ୱାମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିଭାବକ ଜିତୁ ନନ୍ଦ, ମଣ୍ଟୁ ମହାନ୍ତି, ଆନନ୍ଦ ବିଶ୍ୱାଳ, ଦୁର୍ଗା ପ୍ରଧାନ, ରମେଶ ଶର୍ମା, କ୍ରୀଷ୍ଣା ପ୍ରଧାନ, ପିଣ୍ଟୁ ପୋଢ଼, ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଖବରକାଗଜ ବିତରକ ଗୁରୁତର

**ଥୁଆପାଲି, ୧୫।୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଂକ୍ରିଡ଼ାରେ ଏକ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହୋଇ ଜଣେ ଖବରକାଗଜ ବିତରକ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଶୁକ୍ରୁ ଭୁଏ। ବାଇକ ଆରୋହୀ ଭେଜିପାଲିର ହରିଶ୍ଚନ୍ଦ୍ର ବାରିକଙ୍କ ସହ ସେ ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲାରେ ଚିକିତ୍ସିତ ହେଉଥିଲେ। ହରିଶ୍ଚନ୍ଦ୍ରଙ୍କ ହାତ, ଗୋଡ଼ ଓ ପେଟରେ ଆଘାତ ଲାଗିଥିବାରୁ ଚିକିତ୍ସା ହୋଇ ଭେଜିପାଲି ଫେରି ବର୍ତ୍ତମାନ ଶଯ୍ୟାଶାୟୀ ଅଛନ୍ତି। ଶୁକ୍ରୁ ଭୁଏଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ପରାମର୍ଶ କ୍ରମେ ବରଗଡ଼ର ବିକାଶ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ସେ ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ୭/୮ ୟୁନିଟ୍ ରକ୍ତ ଲାଗିଥିବା ଜଣାପଡ଼ିଛି। ସେ ଅତ୍ୟନ୍ତ ଗରିବ, ନିଃସହାୟ ମଣିଷ। ସେ କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ତାଙ୍କ ପରିବାର ସାହାଯ୍ୟ ସହଯୋଗ ଲାଗି ନିବେଦନ କରିଛନ୍ତି। ସକାଳ ସମୟରେ ଶୁକ୍ରୁ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ପତ୍ନୀ ଓ ଛୋଟ ପିଲା ଅଛନ୍ତି। ଶୁକ୍ରୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସରକାରଙ୍କ ପକ୍ଷରୁ ଦୁର୍ଘଟଣା ଜନିତ ବୀମା ରାଶି , ଖବରକାଗଜ ବିତରକ ସଂଘ ପକ୍ଷରୁ ସାହାଯ୍ୟ ମିଳିବା ପାଇଁ ଶୁକ୍ରୁ ପରିବାର ଆଶାରେ ଅଛନ୍ତି। ପୁଲିସରେ ମାମଲା ରୁଜୁ ପରେ ଦୁର୍ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି।

### ନୃସିଂହନାଥରେ କାର୍ତ୍ତିକ ମେଳା ଉଦ୍‌ଯାପିତ

## ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ

**ପାଇକମାଲ,୧୫।୧୧ (ସମିସ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ପାଞ୍ଚଦିନ ଧରି ଚାଲିଥିବା ପଞ୍ଚୁକ ବୁଡ଼ ଶେଷ ସହ କାର୍ତ୍ତିକ ମେଳା ଶୁକ୍ରବାର ଉଦଯାପିତ ହୋଇଯାଇଛି । କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଶିବ ମନ୍ଦିର ନିକଟରେ ଓ ଗୋକୁଳ ଘାଟ ପାଖରେ ରାତ୍ର ଦୁଇଟାରୁ ଦୀପ ଜାଳି ଝରଣାରେ ବୋଇତ ବନ୍ଦାଣ କରିଛନ୍ତି । ଦୋକାନ ବଜାରରେ ପ୍ରବଳ ଭିଡ଼ ଯୋଗୁଁ ହୋଟେଲ ମାନଙ୍କରେ ଖାଇବା ଜିନିଷ ସରିଯାଉଥିଲା । ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମନ୍ଦିର କର୍ମଚାରୀ,ସ୍ଥାନୀୟ ସ୍ୱେଚ୍ଛାସେବୀ, ପୁଲିସ ଷ୍ଟାପ ପ୍ରମୁଖ ବିଭିନ୍ନ କାମରେ ସହଯୋଗ କରିଥିବା କହିଛନ୍ତି। ଗୁରୁବାର ରାତ୍ରରେ ମନ୍ଦିରରେ ଅଁଳା ତଳ ଓ ଚତୁର୍ଦ୍ଦଶୀ ପୂଜା କରାଯାଇଥିଲା।



## ଜି ଏମ୍ ସୋରିଷକୁ ଭାରତୀୟ କିସାନ ସଂଘର ବିରୋଧ

### ବରଗଡ଼ ସାଂସଦଙ୍କୁ ଦେଲେ ଦାବିପତ୍ର



**ବରଗଡ଼,୧୫।୧୧(ସମିସ):** ଦେଶରେ ତୈଳଜାତୀୟ ଫସଲ ଉତ୍ପାଦନ ହ୍ରାସ ଓ ଅଭାବକୁ ଦୃଷ୍ଟିରେ ରଖି ବହୁରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ଆଳ ଦେଖାଇ ଭାରତରେ ଜି ଏମ୍ ସୋରିଷକୁ ଅନୁପ୍ରବେଶ କରି କୃଷି ତନ୍ତ୍ରକୁ ନଷ୍ଟକରୁଛି। କେତେକ ଫସଲରେ ଜୀବଜନ୍ତୁଙ୍କ ଜିନକୁ ନେଇ ଏକ ନୂତନ ଫସଲ ଉତ୍ପାଦନର କୁପରିଣାମ ଦେଶ ତଥା ଚାଷୀ ଭୋଗିବ। ଏହି ପ୍ରକ୍ରିୟାରେ ଜି ଏମ୍ ସୋରିଷକୁ ପ୍ରବେଶ କରାଇବା ଲକ୍ଷ୍ୟରେ ଦୀର୍ଘ ୨୦ ବର୍ଷ ହେବ ଚେଷ୍ଟିତ ଥିଲେ ମଧ୍ୟ ଭାରତୀୟ କିସାନ ସଂଘର ପ୍ରବଳ ବିରୋଧ ଯୋଗୁଁ ଆଗକୁ ବଢ଼ିବାକୁ ସକ୍ଷମ ହୋଇପାରିନାହିଁ। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ବିଭାଜିତ ରାୟ ଶୁଣାଇ ଭାରତରେ ରାଷ୍ଟ୍ରୀୟ ଜି ଏମ୍ ନୀତିର ଆବଶ୍ୟକତା ରହିଛି ନା ନାହିଁ ତା ପାଇଁ ୪ମାସ ମଧ୍ୟରେ ଭାରତର କୃଷି, ପର୍ଯ୍ୟବରଣ, ଜୈବବିବିଧତା, ଜଳବାୟୁ, ଖାଦ୍ୟ ସୁରକ୍ଷା, ସର୍ବୋପରି ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ଏକ ଅଧ୍ୟୟନ କମିଟି କରିବାକୁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବରଗଡ଼ ଜିଲ୍ଲା ଭାରତୀୟ କିସାନ ସଂଘ ଏକ ପତ୍ର ସାଂସଦ ପ୍ରଦୀପ ପୁରୋହିତଙ୍କୁ ପ୍ରଦାନକରି ସଂସଦରେ ବିତର୍କ କରିବାକୁ ଅନୁରୋଧ କରିଥିଲେ ।

## ଜେନିଥ୍ ଲାୟନ୍ସ ଗୁରୁକୁଳରେ ଶିଶୁ ଦିବସ ପାଳିତ



**ପଦ୍ମପୁର,୧୫।୧୧(ସମିସ):** ପଦ୍ମପୁର ସହରସ୍ଥ ଜେନିଥ୍ ଲାୟନ୍ସ ଗୁରୁକୁଳରେ ଶିଶୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ପଦ୍ମପୁର କୋର୍ଟର ଉପ ବିଚାରପତି ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ମିଶ୍ର, ପୂର୍ବତନ ସଭାପତି ମହମ୍ମଦ ଜାୱେଦ, ଉପସଭାପତି ସୁଶାନ୍ତ କୁମାର ରଥ, ସମ୍ପାଦକ ପବନ କୁମାର ଅଗ୍ରୱାଲ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତି ନଗରର ଉନ୍ନୟନ ଲାଗି ଚେଷ୍ଟା କରିବି: ସାଂସଦ



**ବରଗଡ଼ ୧୫.୧୧(ସମିସ):** ବରଗଡ଼ ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର୍ ୧୬ ଶାନ୍ତି ନଗରରେ ଅନୁଷ୍ଠିତ ଅଁଳା ତଳ ଉତ୍ସବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ ଅଞ୍ଚଳର ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବାସ ଅଗ୍ରୱାଲଙ୍କ ବାସଭବନ ପ୍ରାଙ୍ଗଣରେ ଚତୁର୍ଥ ଆଇଁଲା ତଳ ଉତ୍ସବ ପାଳନ କରାଯାଇଥିଲା। ସନ୍ଧ୍ୟାରେ ପୂଜାପାଠ ସହ ଭଜନ ସଂଗୀତ, ମହିଳା ଓ ଶିଶୁଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଭଜନ କାର୍ଯ୍ୟକ୍ରମରେ ନିର୍ମଳ କର, ଅଶୋକ ପଶାୟତ, ଅରବିନ୍ଦ ବିଶ୍ୱାସ ଓ ଇପ୍ସିତା ମିଶ୍ର ଦାଶ ଭଜନ ଗାନ କରିଥିଲେ। ଏହି ଉତ୍ସବର ଉଦଯାପନୀ ସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାପତି ଗୋବିନ୍ଦ ଦାଶ , ସନ୍ତୋଷ ଦାଶ, ଗୋଲକ ଦାଶ, ବିଜୟ ସାହୁ, ଶଶୀରଞ୍ଜନ, ସୁଶାନ୍ତ ଦାଶ, ବାବୁ ଦୋରା, ବେଦାନ୍ତ ମିଶ୍ର,ସୁଦାମ ଦାଶ,ତୁଳସୀ ଚରଣ ଦାଶ ପ୍ରଭା ସାହା,ଜ୍ୟୋତ୍ସ୍ନାମୟୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷ ରେ କମିଟିର ଉପ ସଭାପତି ସୁରେଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ ରାଧାରାଣୀ ବିହାରରେ ଅଁଳା ତଳ ପାଳିତ



**ବରଗଡ଼,୧୪।୧୧(ସମିସ):** ବରଗଡ଼ ୱାର୍ଡ ନମ୍ବର୍ ୮ ର ରାଧାରାଣୀ ବିହାରରେ ରାଧାରାଣୀ ବିହାର ଉନ୍ନୟନ କମିଟି ପକ୍ଷରୁ ବହୁ ଉତ୍ସାହର ସହିତ ଅଁଳା ତଳ ପାଳିତ ହୋଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ମିଳିତ ପୂଜାପାଠ ସହିତ ପ୍ରସାଦ ସେବନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମକୁ କାହ୍ନୁଚରଣ ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା, ତୁଳସୀଚରଣ ଦାଶ, ହରେକୃଷ୍ଣ ସାହୁ, ବିନୋଦ ଦାଶ ଙ୍କ ସହଯୋଗରେ ସମ୍ପନ୍ନ କରାଯାଇଥିଲା।

## ବିକାଶ ଆବାସିକ ବିଦ୍ୟାଳୟର ସଫଳତା

**ବରଗଡ଼,୧୫।୧୧(ସମିସ):** ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳା ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପ୍, ବରଗଡ଼ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଟିମ୍ ( ଅଂଶୁମାନ ପଣ୍ଡା, ବନ୍ଦନା ମେହେର, ଆଲିଶା ଅଗ୍ରୱାଲ, ଅନନ୍ୟା ସାମନ୍ତରାୟ ଓ ପ୍ରଜ୍ଞା ମେହେର) ଦଳଗତ ନୃତ୍ୟ ପ୍ରତିଯୋଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଏହି ସଫଳତାରେ କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚେୟାର୍‌ମେନ୍ ଡି.ମୁରଲୀ କ୍ରିଷ୍ଣା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ପ୍ରଶଂସା କରି କୃତଜ୍ଞତା ଜଣାଇଛନ୍ତି।




## ସୈନିକ କଲ୍ୟାଣ ସଂଘର ମାସିକ ବୈଠକ

**ପଦ୍ମପୁର, ୧୫।୧୧(ସମିସ):** ପଦ୍ମପୁର ରାଜବାଟୀରେ ସୈନିକ କଲ୍ୟାଣ ସଂଘର ସଭାପତି ରାହାସ ବିହାରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୀପ ପ୍ରଜ୍ୱଳନ ଓ ବନ୍ଦେ ମାତରଂ ଗାନ ସହ ଭାରତ ମାତାଙ୍କ ସେବାରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଗାମୀ ଜାନୁଆରୀ ୧୩ ତାରିଖ ଶହୀଦ ଦିବସ ପାଳନ କରାଯିବା ସହିତ ବାର୍ଷିକ ଉତ୍ସବ ପାଳନ ହେବ। ଶେଷରେ ଶ୍ରୀରାମଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୁବେର ସାହିର ବୋଇତ ବନ୍ଦାଣ ସହ ବାର୍ଷିକ ଉତ୍ସବ



**ପାଇକମାଲ, ୧୫।୧୧ (ସମିସ) :** ପାଇକମାଲ କୁବେର ସାହିର ବୋଇତ ବନ୍ଦାଣ ସହ ବାର୍ଷିକ ଉତ୍ସବ ସାଲେପାଲି ଡ୍ୟାମ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ସାହିର ସମସ୍ତ ସଦସ୍ୟ ଓ ସଦସ୍ୟା ସାଲେପାଲି ଖଣ୍ଡିଝରଣ ଡ୍ୟାମରେ ବୋଇତକୁ ପୂଜାର୍ଚ୍ଚନା କରି ଭସାଇଥିଲେ । ପରେ ଶିବ ମନ୍ଦିର ପରିସରରେ ପାଇକମାଲ ସାହି ସଭାପତି ସୁରଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ସଭାପତି ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ, ପଶ୍ଚିମାଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ମାତୃମଞ୍ଚ ସମ୍ପାଦିକା ରଶ୍ମିତା ସାହୁ ଯୋଗ ଦେଇଥିଲେ । ପାଇକମାଲ ମାତୃମଞ୍ଚ ସଭାନେତ୍ରୀ ବଉଳ ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ସାହୁ ଭାଗବତ ପଠନ କରି ସଭା ଆରମ୍ଭ କରାଯାଇଥିଲା । ସମ୍ପାଦକ ସୁଶାନ୍ତ ସାହୁ ବାର୍ଷିକ ବିବରଣୀ ସହ ଗତ ବର୍ଷର ଆୟ ବ୍ୟୟର ହିସାବ ପଠନ କରିଥିଲେ । ପାଇକମାଲ ସାହିରେ ଅକ୍ଷୟ ବେହେରା ଓ ଦୀପକ କୁମାର ସାହୁ ନୂତନ ସଦସ୍ୟ ଭାବେ ଯୋଗ ଦେଲେ । ପାଇକମାଲ ମାତୃମଞ୍ଚ ସମ୍ପାଦିକା ଲକ୍ଷ୍ମୀ ସାହୁ, ପିଙ୍କି ସାହୁ, ସୋମନାଥ ସାହୁ, ପ୍ରଫୁଲ୍ଲ ସାହୁ, ସଚିଦାନନ୍ଦ ସାହୁ, ପ୍ରଦୀପ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସହିଦ ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

**ବରପାଲି,୧୫।୧୧ (ସମିସ):** ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ପକ୍ଷରୁ ବରପାଲି ବ୍ଲକ ଗ୍ରୀଣ୍ଡୋଲା କଲ୍ୟାଣ ମଣ୍ଡପ ପରିସରରେ ସହିଦ ବୀର ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସଂଘ ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାସଂଘ ଜିଲ୍ଲା ସଭାପତି ଗୋବିନ୍ଦ ବରିହାଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ପରିଚୟ ପ୍ରଦାନ କରିଥିଲେ। ବରପାଲି ବ୍ଲକ ସଭାପତି ଧର୍ମରାଜ ସିଂ ବରିହାଙ୍କ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶଶିଭୂଷଣ ବରିହା, ସଞ୍ଜୟ ଜରଜରିଆ, ବେଣୁଧର ଭୋଇ, ପୂର୍ଣ୍ଣଚନ୍ଦ୍ର ଝାଙ୍କର, ସ୍ୱେଚ୍ଛାସେବୀ ରଘୁନାଥ ପଧାନ ଏବଂ ଏସସି ଓ ଏସଟି ମିଳିତ ମଞ୍ଚର ବ୍ଲକ ସଭାପତି ସୁଦର୍ଶନ ସୁନା, ସଂପାଦକ ବାଲକିଶୋର ଛତର , ନାରୀ ନେତ୍ରୀ ଭୂମିସୁତା ବରିହା ପ୍ରମୁଖ ମଞ୍ଚାସୀନ ଥିଲେ।



## ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲରେ ଉଡ଼ାନ ଉତ୍ସବ ଉଦ୍‌ଯାପିତ

**ବରପାଲି,୧୫।୧୧ (ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ସପ୍ତାହବ୍ୟାପୀ ପ୍ରତିଯୋଗିତା ମୂଳକ ଆନ୍ତଃବିଦ୍ୟାଳୟ ଉଡ଼ାନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗତ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ବରପାଲି ଓ ଡୁଙ୍ଗୁରିପାଲିର ଛାତ୍ରଛାତ୍ରୀଙ୍କୁ ନେଇ ଉତ୍ସବର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରବନ୍ଧ, ଚିତ୍ରାଙ୍କନ, ଅଭିନୟ, ଝୋଟି, ବକ୍ତୃତା,ତର୍କ,ଗୀତ,ନୃତ୍ୟ, ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ, କୁଇଜ ପ୍ରଭୃତି ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବରେ ସୁଶାନ୍ତ ଶତପଥି, ରମାକାନ୍ତ ତ୍ରିପାଠୀ, ସରୋଜ କୁମାର ମେହେର, ବନ୍ଦିତା ପ୍ରଧାନ, ବିନୋଦ ବେହେରା, ସୁଧାଂଶୁ ଶେଖର ଦାଶ, ଅବସର ପ୍ରାପ୍ତ ପ୍ରଫେସର କିଶୋର କୁମାର ମେହେର, ଶଙ୍କର ପଟ୍ଟନାୟକ, ଡ ତପସ୍ୱିନୀ ଗୁରୁ, ଅଶୋକ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର କୁମ୍ଭାର, କନ୍ଦର୍ପ ପୂଜାରୀ, ଶାଶ୍ୱତ ରଞ୍ଜନ ପାଣିଗ୍ରାହୀ, ବୈଜୟନ୍ତୀ ମେହେର ପ୍ରମୁଖ କାର୍ଯ୍ୟଭାର ନିର୍ବାହ କରିଥିଲେ। ଗତ ୧୩ ତାରିଖ ଜଗବନ୍ଧୁ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ମୁଖ୍ୟ ଅତିଥି ଓ ଅଧ୍ୟକ୍ଷା ପଦ୍ମିନୀ ଦାଶ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ସଭାରେ ମୁଖ୍ୟଅତିଥି ରୂପେ ଅଭିନେତା ଓ ନିର୍ଦ୍ଦେଶକ ଗଦାଧର ବାରିକ ଓ ସମ୍ମାନିତ ଅତିଥି ଭାବେ କଳା ନିର୍ଦ୍ଦେଶକ ଗୌରୀଶଙ୍କର ବେଜ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ ,ଉପାଧ୍ୟକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ମଞ୍ଚାସୀନ ଥିଲେ । ଚଳିତବର୍ଷ ଆଇଜର ଓ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଭାବେ ପ୍ରିୟାଂଶୁ ରାଜ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ସି ସି ଏ ଷ୍ଟାର ଆୱାର୍ଡ ଦ୍ୱାରା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବା ସହ ଶ୍ରେଷ୍ଠ କ୍ଲବ ଭାବେ ବିଜ୍ଞାନ ଦଳ,ଉଡାନ ଚମ୍ପିୟନ ଭାବେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ବରପାଲି ପୁରସ୍କାର ପାଇଥିଲେ । ଶେଷ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଫନ୍ ଫେୟାର ଆୟୋଜନ କରାଯାଇଥିଲା ।




### ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

## ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ

**ବରଗଡ,୧୫।୧୧(ସମିସ)**

ଓଡିଶା ସରକାର ନିଜ ରାଜ୍ୟର ୨୭ ଗୋଟି ଜିଲ୍ଲାର ୨୩୪ ଜନଜାତି ପ୍ରବଣ ବ୍ଲକରୁ ୪୮,୧୫,୬୭୦ ଜନଜାତି ଲାଭାର୍ଥୀଙ୍କ ସଶକ୍ତିକରଣ ପାଇଁ ଆରମ୍ଭ କରିଛନ୍ତି "ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ" । ଏହି ଯୋଜନା ମାଧ୍ୟମରେ ସାମାଜିକ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକାରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ସମନ୍ୱୟ ଏବଂ ପ୍ରସାର ମାଧ୍ୟମରେ ଦୂର କରିବା ସହ ଜନଜାତୀଙ୍କ ପାଇଁ ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟଜଳ ଏବଂ ପରିମଳ, ଶିକ୍ଷା ଗ୍ରହଣ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିରେ ଉନ୍ନତି ଆଣି ଜନଜାତୀକୁ ଏକ ଦୀର୍ଘସ୍ଥାୟୀ ଜୀବିକାର ସୁଯୋଗ ଦେବା ପାଇଁ କାର୍ଯ୍ୟକ୍ରମ କରାଯିବ। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲାର ଅନନ୍ୟ ବିପ୍ଳବୀ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ମାଧୋ ସିଂଙ୍କ ଜନ୍ମ ମାଟିର ଘେସ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନ୍ୟତମ ଆଦିବାସୀ ନେତା ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ବୀର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ "ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ"ର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ପଦମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ ଉପସ୍ଥିତ ଥିଲେ । ଏହି ସମାରୋହରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଭଟଲି ବାସିନ୍ଦା ନିରଞ୍ଜନ ବେହେରା, ଓଡ଼ିଶା ଶିକ୍ଷା ସେବାରେ କୃତକାର୍ଯ୍ୟ ହୋଇ ବର୍ତ୍ତମାନ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ସରୋଜ କୁମାର ଭୋଇ, ମୁଣ୍ଡାପଡ଼ାର ଫୁଟବଲ ଖେଳାଳି ପ୍ରଭାତ କୁମାର ଦାନସନ, ସୁଭଦ୍ରା ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରୁଥିବା କୁଚିପାଲି ଗ୍ରାମର ପାର୍ବତୀ ବରିହା ଏବଂ ବଡ଼ମାଲର ସନ୍ତୋଷିନୀ ବାରିହାଙ୍କ ସମେତ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସାହେଲା ବ୍ଲକ ଅନ୍ତର୍ଗତ ବମ୍ଭିତ ବନ ସୁରକ୍ଷା ସମିତି ଏବଂ ପାଇକମାଲ ବ୍ଲକର ପୋସ୍ତାମୁଣ୍ଡା ବନ ସୁରକ୍ଷା ସମିତିକୁ ଜିଲ୍ଲା ପ୍ରଶାସନ ତରଫରୁ ମଞ୍ଚରେ ସମ୍ମାନିତ କରଯାଇଥିଲା ।



# ବାବା ବାଲୁଙ୍କେଶ୍ୱରଠାରେ ବାଲିଯାତ୍ରା ମହୋତ୍ସବ

ବରଗଡ଼, ୧୫ ।୧୧(ସମିସ)



ଖୁଣ୍ଡପାଲି ଗ୍ରାମରେ କାର୍ତ୍ତିକ ମାସର ପ୍ରଥମ ଦିନରୁ ଜିରା ନଦୀରେ ଏକ ବାଲୁକା ଲିଙ୍ଗ ସ୍ଥାପନ କରାଯାଇ ପ୍ରତିଦିନ ଭୋରରୁ ଗ୍ରାମବାସୀ ନଦୀରେ ସ୍ନାନ ସାରି ସ୍ଥାପନା କରାଯାଇଥିବା ବାଲୁକା ଲିଙ୍ଗକୁ ଭକ୍ତିର ସହ ପୂଜାର୍ଚ୍ଚନା କରନ୍ତି । ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଗ୍ରାମର ସମସ୍ତ ଭକ୍ତ ତଥା ଦୂରଦୂରାନ୍ତରୁ ଭକ୍ତମାନେ ଆସି ଏଠାରେ ଉଜାଗର ରହନ୍ତି । ତତ ସହିତ ଶିବ ପୁରାଣ ପଠନ, ଏକ ଲକ୍ଷ ଦୀପ ଦାନ ସହିତ ଭୋର ୪ ଟାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୁଏ । ଏନେଇ ପ୍ରବଳ ଜନସମାଗମ ଲକ୍ଷ କରାଯାଇଛି । ଦର୍ଶକଙ୍କ ମନୋରଞ୍ଜନ ସକାଶେ ଦୀର୍ଘ ତିନିଦିନ ଧରି ସଂଚାର ପରିବେଷଣ(ରାସ), ଜଳନ୍ଧର ଦରବାର, ଢ଼େମସା ଡ୍ୟାନ୍ସ ଗ୍ରୁପ, ସମ୍ବଲପୁରୀ ଡ୍ୟାନ୍ସ ଗ୍ରୁପ, ଝୁମେର ଡ୍ୟାନ୍ସ ଗ୍ରୁପ, ସାନ୍ତାଳୀ ଓ ଓଡ଼ିଶୀ ଡ୍ୟାନ୍ସ ଗ୍ରୁପ ଏଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଯାତ୍ରାକୁ ନେଇ ଗ୍ରାମବାସୀ ଏକ ଶୃଙ୍ଖଳିତ କମିଟି ଗଠନ କରିଛନ୍ତି । ଉପଦେଷ୍ଟା ଭାବେ ବରିଷ୍ଠ ନାଗରିକ ଜଗନ୍ନାଥ ଦାଶ, ସୂର୍ଯ୍ୟମଣି ସାହୁ, ପ୍ରମୋଦ ସାହୁ, ସାହେବ ସାହୁ, ନାରାୟଣ ଭୋଇ ଏବଂ ସଭାପତି ଭାବେ କେଦାର ବେହେରା, ସମ୍ପାଦକ କେଦାର କୁମାର ସାହୁ, କୋଷାଧ୍ୟକ୍ଷ ଅଞ୍ଜନ କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ଯଶୋବନ୍ତ ମେହେର,ରୋହିନ ସାହୁ,ତ୍ରିବିକ୍ରମ ଦାଶ,ଧର୍ମରାଜ ପଧାନ,ଦିଲୀପ ସାହୁ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ପାତ୍ର,ପୀତାମ୍ବର ଦେବତା,ରୋସନ ପଣ୍ଡା ,ଯାଦବ ବେହେରା,ବେଲାରସେନ ମେହେର,ଆଲୋକ ଦାଶ ଅଛନ୍ତି । ହେଲେ ବରଗଡ଼ ଜିଲ୍ଲା ପ୍ରଶାସନର

- ଯାତ୍ରାରେ ରକ୍ତଦାନ ଶିବିର
- ପୀଠର ଉନ୍ନତି ସମ୍ଭବ ହେଉନି

କୁମ୍ଭକର୍ଣ୍ଣ ନିଦ ଓ ସଂସ୍କୃତି ବିଭାଗର ଚିରନିଦ୍ରା ସକାଶେ ବାଲୁଙ୍କେଶ୍ୱର ପୀଠର ଉନ୍ନତି ହୋଇପାରୁନାହିଁ । ଚଳିତ ବର୍ଷ ଅମୃତ ଧାରା ନର୍ସିଂହୋମର ପରିଚାଳକ ଯଶୋବନ୍ତ ମେହେରଙ୍କ ଆୟୋଜନ କ୍ରମେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଡା.. ସୁଶାନ୍ତ ମେହେର ଏବଂ ଯଶୋବନ୍ତ ମେହେର ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ ।

## ଦୋକାନରୁ ସୁନା ଚୋରି

ଭେଡେନ,୧୫।୧୧(ସମିସ): ଭେଡେନ ଥାନା ଭେଡେନ ଗ୍ରାମ ସ୍ଥିତ କିରଣ ସୁନା ଦୋକାନରୁ ଦୁର୍ବୃତ୍ତମାନେ ସୁନା ଚୋରି କରିନେଇଥିବା ଅଭିଯୋଗ ଭେଡେନ ଥାନାରେ ହୋଇଛି । କିରଣ ସୁନା ଦୋକାନକୁ ଅପରାହ୍ନ ୪ଟାରେ ଦୁଇଜଣ ଅଜଣା ବ୍ୟକ୍ତି ସୁନା କିଣିବାକୁ ଆସି ସୁନା ଦୋକାନର ମାଲିକ ଅନୀଲ ସାହୁଙ୍କୁ ସୁନା ଦେଖାଇବାକୁ କହିଥିଲେ । ସେ ସୁନା ଦେଖାଇବାବେଳେ ସେମାନେ ୯ ଗ୍ରାମର ସୁନା ଅଳଙ୍କାର ଚୋରି କରି ସେଠାରୁ ଫେରାର ମାରିଥିଲେ । ଏହି ସମୟରେ ମାଲିକ ସୁନା ଅଳଙ୍କାର ଗଣି ସୁନା ଚୋରି ହୋଇଛି ବୋଲି ଜାଣି ଭେଡେନ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି ।

## ଧାନର ଉଚିତ ମାନ ନିର୍ଦ୍ଧାରଣ ଲାଗି ସଚେତନତା ଶିବିର

ଅତାବିରା,୧୫ ।୧୧(ସମିସ): ଅତାବିରା ବ୍ଲକ ଅଧୀନ ହିର୍ଲିପାଲି ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବରଗଡ଼ ଓ ଅତାବିରା ନିୟନ୍ତ୍ରିତ ବଜାର କମିଟି ତରଫରୁ ପଞ୍ଚାୟତ ସ୍ତରରେ ଧାନର ଉଚିତ ମାନ ନିର୍ଦ୍ଧାରଣ ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ସହକାରୀ କୃଷି ଅଧିକାରୀ ଶ୍ରୀୟା ହୋତା, ଏଟିଏମ ପ୍ରଶାନ୍ତ ଭୋଇ, ଭିଏଡବ୍ଲୁ ପି. ଘଷି, ହିର୍ଲିପାଲି ସମିତି ସଭ୍ୟ ବିଦ୍ୟାଧର ପ୍ରଧାନ ପ୍ରମୁଖ ଥିଲେ ।

## ରାସ ପୂର୍ଣ୍ଣିମାରେ କୃଷ୍ଣଗୁରୁ ଦଳ ସମ୍ବର୍ଦ୍ଧିତ

ବରଗଡ଼,୧୫ । ୧୧(ସମିସ): ନିଗମାନନ୍ଦ ବିହାର ଠାରେ ରାସ ପୂର୍ଣ୍ଣିମା ପାଳନ ଅବସରରେ ଭଟଲି ବ୍ଲକ ଅନ୍ତର୍ଗତ ନିଲଜୀ ଗ୍ରାମର କୃଷ୍ଣଗୁରୁ ଦଳକୁ ନିଗମାନନ୍ଦ ବିହାର ଉନ୍ନୟନ କମିଟି ତରଫରୁ ସମ୍ବର୍ଦ୍ଧିତ



କରାଯାଇଛି । କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଡ଼ାର ବରିଷ୍ଠ ନାଗରିକ ବିଦ୍ୟାଧର କର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଟିକେଲାଲ ନାଏକ, ସଙ୍କୀର୍ତ୍ତନ ପରିଷଦ ଅଧ୍ୟକ୍ଷ ବାଙ୍କା ବିହାରି ସାହୁ ,କୋଷାଧ୍ୟକ୍ଷ ଚନ୍ଦ୍ରଶେଖର କମ୍ପ, ଉପ ସଭାପତି ଅର୍ଜୁନ ସେଟ୍ , ବରିଷ୍ଠ ସଦସ୍ୟ ମୃତ୍ୟୁଞ୍ଜୟ ମିଶ୍ର ,ପ୍ରକାଶ ଭୋଇ,ସଦସ୍ୟା ସ୍ମିତା ଦେହୁରୀ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଗୁରୁ ଦଳର ସମସ୍ତ କଳାକାରଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ନରସିଂହ ମନ୍ଦିର ସମ୍ପତ୍ତି ପୁନରୁଦ୍ଧାର ପାଇଁ ପ୍ରୟାସ



ବରଗଡ଼,୧୫ ।୧୧(ସମିସ): ବରଗଡ଼ ସହରର ବହୁ ପୁରାତନ ମନ୍ଦିର ନରସିଂହ ମନ୍ଦିରର ପ୍ରାୟ ୧୪ ଏକର ଦେବୋତ୍ତର ସମ୍ପତ୍ତି ରେଲୱେ ଷ୍ଟେସନ ରାସ୍ତାରେ ରହିଥିବା ବେଳେ ତହିଁରୁ କିଛି ଜବରଦଖଲକାରୀଙ୍କ କବଜାରେ ରହିଛି । ତେବେ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହେବା ପରେ ନୂତନ କର୍ମକର୍ତ୍ତା ଏବେ ଜବରଦଖଲ ଜମିକୁ ଉଚ୍ଛେଦ ପାଇଁ ଲାଗିପଡିଛନ୍ତି । ଦେବୋତ୍ତର ବିଭାଗ ଓ ପ୍ରଶାସନର ସହଯୋଗ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଅବଶିଷ୍ଟ ଜମିକୁ ମନ୍ଦିର ପକ୍ଷରୁ ଦଖଲକୁ ନେଇ କାନ୍ଥବାଡ଼ ଦେବା ପାଇଁ ଶୁଭ ଦିଆଯାଇଛି । ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ସାଂସଦ ପ୍ରଦୀପ ପୁରୋହିତ ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ଛାତ୍ରଛାତ୍ରୀଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା



ବରଗଡ଼,୧୫ ।୧୧(ସମିସ): ଜିଲ୍ଲା ସମାଜସେବୀ ସଂଘ ବରଗଡ଼ ତରଫରୁ ଛାତ୍ରଛାତ୍ରୀଙ୍କୁ ମାଗଣା କମ୍ପୁଟର ଶିକ୍ଷା ଦିଆଯାଉଛି । ଗରିବ ତଥା ମଧ୍ୟବିତ୍ତ ପରିବାରର ଛାତ୍ର ଛାତ୍ରୀ ବେଶ୍ ଉପକୃତ ହୋଇ ପାରୁଛନ୍ତି । ଏହି ସେଣ୍ଟରରେ ଶିଶୁ ଦିବସ ପାଳନ ଅବସରରେ ଅତିଥି ରୂପେ ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରି ଉପସ୍ଥିତ ଥିଲେ । ଗରିବ ପିଲାଙ୍କୁ ସହଯୋଗ ଲାଗି ସେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ।

## ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ



ପଦ୍ମପୁର, ୧୫।୧୧ (ସମିସ): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମିଳିତ ମଞ୍ଚ ପଦ୍ମପୁର ଉପଖଣ୍ଡ ତରଫରୁ ଧରତୀ ଆବା ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ଭୋଜରାଜ ବାଗଙ୍କ ନେତୃତ୍ୱରେ ରାଜାଜି ଟାଉନ ହଲଠାରୁ ଏକ ବିରାଟ ବାଇକ ରାଲି ବାହାରି ପଦ୍ମପୁର ସହର ପରିକ୍ରମା କରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଦୀପଦାନ କରି ରାଜବାଟି ଦେଇ ଥାନା ଛକରେ ପହଞ୍ଚି ଥିଲା । ଆଜିଠାରୁ ଥାନା ଛକକୁ ବିର୍ସା ମୁଣ୍ଡା ଛକ ଭାବେ ନାମିତ କରାଯିବା ପାଇଁ ଘୋଷଣା କରାଯାଇଥିଲା । ମିଳିତ ମଞ୍ଚର ଉପ ସଭାପତି ନୀଳାମଣି ବରିହା, ସମ୍ପାଦକ ରଘୁନନ୍ଦନ ଦେଓ, ସହ ସମ୍ପାଦକ ମୋତିଲାଲ ବାଗ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ସେଠ , ଆବାହକ ଚନ୍ଦ୍ରହାସ୍ୟ ଜାଲ, ସଂଯୋଜକ ନବ ବରିହା, ସାଂସ୍କୃତିକ ସମ୍ପାଦକ ଗୋବର୍ଦ୍ଧନ ଛତର ପ୍ରମୁଖଙ୍କ ଯୋଗଦାନରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ କରାଯାଇଛି ।

## ରାମାୟଣ ନବାହ୍ନ ପାରାୟଣ ଉଦ୍ୟାପିତ



ପଦ୍ମପୁର, ୧୫।୧୧ (ସମିସ): ପଦମପୁର ହନୁମାନପଡ଼ା ସ୍ଥିତ ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣର କାଳୀମଣ୍ଡପରେ ଚାଲିଥିବା ରାମାୟଣ ନବାହ ପାରାୟଣ ଉଦଯାପିତ ହୋଇଯାଇଛି । ବ୍ୟାସକାର ନାରାୟଣ ଓଝା ଓ ତାଙ୍କର ସାଥୀଙ୍କ ଉପସ୍ଥାପନା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲା । ପଦ୍ମପୁର ହନୁମାନପଡ଼ା ମହିଳା ସମିତିର ସଦସ୍ୟା ରୁକ୍ମିଣୀ ମହାପାତ୍ର, ରୋହିଣୀ ମିଶ୍ର, ଭାରତୀ ପଟ୍ଟନାୟକ, ସୁଶ୍ରୀ ତୃପ୍ତିମୟୀ ଦାଶ, ସୁଶ୍ରୀ ମଞ୍ଜୁଲତା ପାଢ଼ୀ, ସୁଭାଷିନୀ ପଧାନ, ଅମ୍ବିକା ନାୟକ, ରମ୍ଭା ସାହୁ, କଳ୍ପନା ରାଣୀ ନାଥ, ଜୟଶ୍ରୀ ଶତପଥୀ, ଜ୍ୟୋସ୍ନା ରାଣୀ ପଣ୍ଡା, ବିନୋଦିନୀ ହଂସ, ମେନକା ଦାଶ, ସୁଷମା ପଣ୍ଡା, ମୋହିନୀ ପଟ୍ଟନାୟକ, ଶୁଭ୍ରା ଶତପଥୀ ପ୍ରମୁଖ ଭାଗବତ ପାରାୟଣ କାର୍ଯ୍ୟକ୍ରମର ଆୟୋଜନ କରାଇଥାନ୍ତି । ଏହି ପାରାୟଣର କର୍ତ୍ତା ଦାୟିତ୍ୱ ରବିନାରାୟଣ ଦାଶ ଓ ତାଙ୍କର ସହଧର୍ମିଣୀ ସଞ୍ଜୁରାଣୀ ଦାଶ ତୁଲାଇଥିଲେ ।

## ବ୍ରିଲିଆନ୍ସ ପଏଣ୍ଟର ବାର୍ଷିକ ଉତ୍ସବ



ଘେଁସ , ୧୫।୧୧(ସମିସ): ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ବ୍ରିଲିଆନ୍ସ ପଏଣ୍ଟରେ ପବିତ୍ର ଶିଶୁଦିବସ ଅବସରରେ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ବ୍ରିଲିଆନ୍ସ ପଏଣ୍ଟର ଅଧ୍ୟକ୍ଷ ମାନସ ସିଂ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ସମାଜିକକର୍ମୀ ମୁରଲି ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ବିକାଶ ଲ' ସ୍କୁଲ୍‌ରେ ଫ୍ରେସର୍ସ ଡେ ଆୟୋଜିତ

ବରଗଡ,୧୫ ।୧୧(ସମିସ): ବିକାଶ ଲ' ସ୍କୁଲରେ ଫ୍ରସର୍ସ ଡେ 'ଆବ୍ ଇନିସିଓ-୨୦୨୪' ଆୟୋଜିତ ହୋଇଯାଇଛି ।

ବିକାଶ ଲ' ସ୍କୁଲର ଅଧକ୍ଷ ପ୍ରଫେସର୍ ଡ. ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ନବାଗତ ବିଏ ଏଲଏଲବି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ।




## ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ



ବରଗଡ଼,୧୫ ।୧୧ (ସମିସ): ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ଠାରେ ପାଳିତ ହୋଇଯାଇଛି । ଶୁକ୍ରବାର ବିର୍ସା ମୁଣ୍ଡା ସଂଘର୍ଷ ବାହିନୀ ପକ୍ଷରୁ ଏହି ଜୟନ୍ତୀ ବରଗଡ଼ରେ ଅଷ୍ଟମ ଥର ପାଇଁ ପାଳନ ହୋଇଥିଲା । ପାରମ୍ପରିକ ବେଶଭୂଷା, ଗୀତ ନୃତ୍ୟ ସହ ସହରରେ ଶୋଭାଯାତ୍ରା ବାହାରି ଡ଼ା ବାବା ସାହେବଙ୍କ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ସ୍ଥାନୀୟ ଅଗ୍ରଗାମୀ ସଂଘ ପରିସରରେ ବିର୍ସା ମୁଣ୍ଡାଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା । ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ସଭାପତି ମାରୀୟମ ବାର୍ଲା ସ୍ୱାଗତ ଅବିଭାଷଣ ରଖିଥିଲେ । ମୁଖ୍ୟ ଅତିଥି ଭାବେ ସଂଯୁକ୍ତା ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଦୀନେଶ ଅଗ୍ରୱାଲ, ନାରୀ ନେତ୍ରୀ ସୁରେଖା ଭୁଏ, ଆଦିବାସୀ ନେତା ଚତୁରଭୁଜ ଭୁଏ, ଚାଷୀ ନେତା ରମେଶ ମହାପାତ୍ର, ସମାଜସେବୀ ପବିତ୍ର ଦେହେରୀ, ଚିତ୍ତରଞ୍ଜନ ମେହେର ଯୋଗ ଦେଇଥିଲେ ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ




ପାଇକମାଲ, ୧୫ ।୧୧ (ସମିସ): ପାଇକମାଳ ନୃସିଂହନାଥ ଏସ ଏସ ଡି ହାଇସ୍କୁଲ ହଲରେ ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଛି । ସଭାରେ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ଦଳପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବଡ଼ ଶତପଥି, ସମ୍ମାନିତ ଅତିଥି ଭାବେ ଅଶ୍ୱିନୀ ସାହୁ ଯୋଗଦେଇଥିଲେ । ସଭା ଆରମ୍ଭରୁ ବିର୍ସାମୁଣ୍ଡାଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଦୀପ ଜଳାଇ ପୂଜା କଲା ପରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ



ଘେଁସ,୧୫।୧୧(ସମିସ): ବରଗଡ଼ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂଙ୍କ ଜନ୍ମମାଟିର ଘେଁସ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ଅନ୍ୟତମ ବିଶିଷ୍ଟ ଆଦିବାସୀ ନେତା ସହିଦ୍ ବୀର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ "ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ"ର ଶୁଭାରମ୍ଭ ହୋଇଛି । ସମାରୋହର ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ , ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରଶିଷ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ ଉପସ୍ଥିତ ଥିଲେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବାରୁ ନିରଞ୍ଜନ ବେହେରା, ସରୋଜ କୁମାର ଭୋଇ, ପ୍ରଭାତ କୁମାର ଦାନସନ, ପାର୍ବତୀ ବରିହା, ସନ୍ତୋଷିନୀ ବାରିହାଙ୍କ ସମେତ ବମ୍ବ୍ରିତ ବନ ସୁରକ୍ଷା ସମିତି, ପୋସ୍ତାମୁଣ୍ଡା ବନ ସୁରକ୍ଷା ସମିତିକୁ ସମ୍ମାନିତ କରଯାଇଥିଲା ।

## ଜନଜାତି ଗୌରବ ଦିବସ ପାଳିତ

ବରଗଡ଼,୧୫ ।୧୧ (ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲ ସେବାଶ୍ରମ ବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଜନଜାତି ଗୌରବ ଦିବସ ପାଳିତ କରାଯାଇଛି । ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ମୁଖ୍ୟ ଅତିଥି , ପୋଡ଼ମୁଣ୍ଡା ସିଆରସିସି ରମେଶ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ଚେୟରମ୍ୟାନ ଜୁଗଳ ସାହୁ, ଏଲୀୟ ନନ୍ଦ, ଲଳିତ ବାରିକ, ଜଟିଆ ସାହୁ, ନିର୍ମଳ ଆଚାର୍ଯ୍ୟ, ପୁଷ୍ପଲତା ସାହୁ , ପ୍ରଧାନ ଶିକ୍ଷକ ଓ ସହଯୋଗୀ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

## ମାନକ ମହୋତ୍ସବ -୨୦୨୪ ଉଦ୍ୟାପିତ

# ବିଜ୍ଞାନ ଶିକ୍ଷକ ଓ ସାଧନ କର୍ମୀ ସମ୍ବର୍ଦ୍ଧିତ

ଅମ୍ବାଭୋନା ,୧୫ ।୧୧ (ସମିସ)




ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖା ତରଫରୁ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ମାନକ ମହୋତ୍ସବ - ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡଃ ସରନଜିତ୍ ସିଂ ଏବଂ ରେଭେନସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡଃ ସଂଜୟ କୁମାର ନାୟକ ଯୋଗଦେଇଥିଲେ । ୨୦୨୪ର ଗ୍ଲୋବାଲ ଥିମ୍ "ଏକ ଉତ୍ତମ ବିଶ୍ୱ ଗଠନ ପାଇଁ ସଂଯୁକ୍ତ ଦୃଷ୍ଟିକୋଣ "କୁ ଅନୁସରଣ କରି ବିଆଇଏସର ଭୁବନେଶ୍ୱର ଶାଖା ତରଫରୁ ଶିକ୍ଷାନୁଷ୍ଠାନରେ ମାନକ କ୍ଲବର ଗୁଣାତ୍ମକ ସଂଯୋଗ, ମାନକ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ, କିସ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହ ୱାକାଥନ୍ ଏବଂ ସେମିନାର ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବିଶ୍ୱ ମାନକ ଦିବସରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ସର୍ବଶ୍ରେଷ୍ଠ ମଡେଲ ଓ ପୋଷ୍ଟର ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଆଇଏସ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର ଏସଡିଜି - ୯ ସଂପର୍କରେ ବିଷୟରେ ଧାରଣା ପ୍ରଦାନ କରିଥିଲେ । ଟେକନିକାଲ ଅଧିବେଶନରେ କିଟ୍‌ର ମେକାନିକାଲ ଇଂଜିନିୟରିଂ ବିଭାଗର ସହାୟକ ପ୍ରାଧ୍ୟାପକ ଅନୀଶ ପାଣ୍ଡେ, ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଏଣ୍ଡ ଇନଭାଇରନମେଣ୍ଟ ସର୍ଭିସେସ୍ ର ନିର୍ଦ୍ଦେଶକ ତଥା ହେଡ୍ ଅଫ ବିଜିନେସ ଏକ୍ସେଲେନ୍ସ ସୁବ୍ରତ ପାଣିଗ୍ରାହୀ, ସମ୍ବଲପୁର ସ୍ଥିତ ଜେଏସଡବ୍ଲୁ ବିପିଏସଏଲ୍ ର ନିର୍ଦ୍ଦେଶକ ମୁକେଶ ପଣ୍ଡା ଏବଂ ଭୁବନେଶ୍ୱର ସ୍ଥିତ ନ୍ୟାସନାଲ୍ ଇନଫର୍ମାଟିକସ୍ ସେଣ୍ଟରର ବୈଜ୍ଞାନିକ ନୀଳାଦ୍ରି ବିହାରୀ ମହାନ୍ତି ନିଜର ମତଦାନ କରିଥିଲେ ।

ବିଆଇଏସ୍ ହଲମାର୍କ ଏବଂ ଆଇଏସଆଇ ମାର୍କ ବିଷୟରେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ନୁକ୍କଡ ନାଟକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିବା ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଏବଂ ସାଧନ କର୍ମୀ ରଞ୍ଜନ କୁମାରଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ ।

■ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# ଦେବଗଡ଼ ଜିଲ୍ଲାର ପାଞ୍ଚ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଦେବଗଡ଼,୧୫ା୧୧(ସମିସ): ଭୁବନେଶ୍ୱର ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି'ରେ ଦେବଗଡ଼ ଜିଲ୍ଲାର ୫ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବର୍ଗରେ ସଫଳତା ମିଳିଛି। କନିଷ୍ଠ ବର୍ଗ ଶୃଜନଶୀଳ ଲିଖନ ପ୍ରତିଯୋଗିତାରେ ରୋଜାଲିନ ସାହୁ ପ୍ରଥମ, ବରିଷ୍ଠ ବର୍ଗ ଶୃଜନଶୀଳ ଲିଖନ ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, ବରିଷ୍ଠ ମାଧ୍ୟମିକ ବର୍ଗ ଏଲୋକେସନ ପ୍ରତିଯୋଗିତାରେ ଉର୍ମିଳା ମହାନନ୍ଦ ଦ୍ୱିତୀୟ, ବରିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ ସ୍ୱାଗତ କୁମାର ସାହୁ ତୃତୀୟ ଏବଂ କନିଷ୍ଠ ବର୍ଗ ସଙ୍ଗୀତ ପ୍ରତିଯୋଗିତାରେ ରୋଶନୀ ରଞ୍ଜିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶିଶୁ ଦିବସ ଉପଲକ୍ଷେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ରାତି ପ୍ରାୟ ୮ଟାରେ ଉଦଯାପିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ



ସିଂ, ଆୟୁକ୍ତ ତଥା ଶାସନ ସଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସାଲିନୀ ପଣ୍ଡିତ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଓସେପା ଅନନ୍ୟା ଦାଶ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଉଚ୍ଛେଦ ନାମରେ ଚାଲିଛି ଦାଦାଗିରି

# ଭାଙ୍ଗିଦେଲେ ଖେଳପଡ଼ିଆ ପାଚେରି; ଉପାଡ଼ିଲେ ୮ ଗଛ

ଇବଥର୍ମାଲ, ୧୫ା୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ବନ୍ଧବାହାଲ ଆରଆଇ ସର୍କଲର ସରଣ୍ଡାମାଲ ମୌଜା ଓ ଖଡ଼ାମ ମୌଜାରେ ୧୮ ଘର ସରକାରୀ ନର୍ଦ୍ଦେଶରେ ଉଚ୍ଛେଦ କରାଯାଇଛି। ହେଲେ ଗୁରୁବାର ଉଚ୍ଛେଦ ନାଁ ରେ ବନ୍ଧବାହାଲ ମୌଜା ସ୍ଥିତ ମୁଖ୍ୟ ରାସ୍ତାକଡ଼ ଉଠା ଦୋକାନ ଉଚ୍ଛେଦ କରିବାକୁ ଯାଇ ଖେଳପଡ଼ିଆ ପାଚେରି ଭଙ୍ଗାଯିବା ସହ ଅନେକ ଗଛକୁ ଉପାଡ଼ି ଦିଆଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଲୋକେ ଏ ସଂକ୍ରାନ୍ତରେ ଲଖନପୁର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ଆଜି କାର୍ତ୍ତିକ ପୂର୍ଣ୍ଣମୀ ଛୁଟି ଥିବାରୁ ଅଭିଯୋଗ ସମ୍ଭବ ହୋଇପାରିନାହିଁ। ଲୋକଙ୍କ ଅଭିଯୋଗ ହେଲା ରାସ୍ତାକଡ଼ରେ ଥିବା ଉଠା ଦୋକାନଗୁଡିକରେ ଅନୈତିକ କାର୍ଯ୍ୟକଳାପ ଚାଲିଥିବା ଅଭିଯୋଗ ଆଧାରରେ ଏହାକୁ ଉଚ୍ଛେଦ କରିବା କଥା। ହେଲେ ଲଖନପୁର କୋଇଲା ଖଣି ପେ ଲୋଡର ସହାୟତାରେ ସମଗ୍ର ପାଚେରିକୁ ମାଟିରେ



ମିଶେଇ ଦିଆଗଲା। ସବୁଠାରୁ ବଡ଼ କଥା ହେଲା ଜଙ୍ଗଲ ବିଭାଗର ବିନା ଅନୁମତିରେ ରାସ୍ତାକଡ଼ରୁ ୮ଟି ବଡ଼ ଗଛ ମୂଳରୁ ଉପାଡ଼ି ଦିଆଯାଇଛି। 'ମାଆଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ସରକାର ଗୁରୁତ୍ୱ ଦେଇଆସୁଥିବା ବେଳେ ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛ କାହା ସ୍ୱାର୍ଥରେ ଉପାଡ଼ି ଦିଆଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଉଚ୍ଛେଦ ନାମରେ ଏଭଳି ଦାଦାଗିରି ଓ ଅଧିକାରୀମାନଙ୍କ ଉପର ଠଉରିଆ ମନ୍ତବ୍ୟ ସାଧାରଣରେ ବିସ୍ମୟ ସୃଷ୍ଟିକରିଛି। ଏ ସଂକ୍ରାନ୍ତରେ ଫରେଷ୍ଟର ଗୌତମ ସାହୁ କହିଛନ୍ତି ଯେ, ଗଛ କାଟିବାର କୌଣସି ଅନୁମତି କାହାକୁ ନିଆଯାଇନାହିଁ, ଆଠଟି ଗଛ କଟିଥିବା ଅଭିଯୋଗ ହୋଇଛି ଓ ତା'ର ତଦନ୍ତ ଚାଲିଛି। ତଦନ୍ତ ପରେ ବିହିତ ପଦକ୍ଷେପ ନିଆଯିବ। ଗୁରୁବାର ଉଚ୍ଛେଦ ଲାଗି ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଲଖନପୁର ଅତିରିକ୍ତ ତହସିଲଦାର କୁଳମଣି ଦଳେଇଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ମୁଁ ନଥିଲି, ତାହା ଏମସିଏଲ ଜାଗା, ତାକୁ ପଚାରନ୍ତୁ। ଆଇଆଇସି ରଞ୍ଜିତ ନାଏକ ମଧ୍ୟ ସମାନ କଥା କହିଛନ୍ତି। ଏ ସଂକ୍ରାନ୍ତରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଂଜୟ ଝାଙ୍କୁ ପଚରା ଯିବାରୁ ଉଚ୍ଛେଦ ପ୍ରଶାସନ ତଥା ସରକାରଙ୍କ କାମ, ମୋର କିଛି ପ୍ରତିକ୍ରିୟା ଦେବାର ନାହିଁ। ପାଚେରି ଭାଙ୍ଗିବା ଓ ଗଛ କଟାଯିବାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧୀଜୀବୀ ଓ ପରିବେଶବିତମାନେ ଦାବି କରିଛନ୍ତି।

ବିଭିନ୍ନ ସ୍ଥାନରେ ଜନଜାତୀୟ ଗୌରବ ଦିବସ

# 'ଦେଶ ମାତୃକା ସେବା ପାଇଁ ବିର୍ସା ମୁଣ୍ଡାଙ୍କ ଲଢ଼େଇ ଅବିସ୍ମରଣୀୟ'

ଝାରସୁଗୁଡ଼ା,୧୫ା୧୧(ସମିସ): ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଜନଜାତୀୟ ଗୌରବ ଦିବସ ସମାରୋହ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ପରିସରରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜନ ଜାତୀୟ ଗୌରବ ଦିବସ ଉପଲକ୍ଷେ ବିହାରର ଜାମୁଇରେ ପ୍ରଧାନମନ୍ତ୍ରୀ ଯୋଗଦେଇଥିବା କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ସମାରୋହରେ ଉପସ୍ଥିତ ଜନସାଧାରଣ ଦେଖିଥିଲେ। ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ବିର୍ସା ମୁଣ୍ଡାଙ୍କର ସଂଗ୍ରାମୀ ଜୀବନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଦେଶ ମାତୃକା ପାଇଁ ଇଂରେଜମାନଙ୍କ ବିରୁଦ୍ଧରେ ବିର୍ସା ମୁଣ୍ଡାଙ୍କ ଲଢ଼େଇ ତାଙ୍କୁ ଜନମାନସରେ ଅବିସ୍ମରଣୀୟ କରି ରଖିଛି ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ମତ ଦେଇଥିଲେ। ଏହି ଅବସରରେ ସେ ବୀର ସୁରେନ୍ଦ୍ର ସାଏ, କରୁଣାକାର ସିଂ ନାଏକ, ମାଧ ସିଂ, ହଟେ ସିଂ, ନିର୍ମଳ ମୁଣ୍ଡା ଓ ଲକ୍ଷ୍ମଣ ନାଏକ ପ୍ରମୁଖ ବିପ୍ଳବୀମାନଙ୍କ ସଂଗ୍ରାମ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଥଲେଟିକ୍ସ ପାଇଁ ଭାଲୁପାତ୍ରା ଆଶ୍ରମ ବିଦ୍ୟାଳୟର କୃତୀ ଛାତ୍ରୀ ଅନୁପମା ମାଝୀ ଓ ଚିତ୍ରକଳା ପାଇଁ ବେହେରାମାଲ ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କୁ ବିଧାୟକ ପୁରସ୍କୃତ କରିଥିଲେ। ସେହିପରି ବିଧାୟକ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଆଦି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାଏକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଂଜୀବ କୁମାର ପଟେଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଡମିନିକ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

■ ଦେବଗଡ଼: ଇନଡୋର ଷ୍ଟାଡିୟମରେ ଜନଜାତୀୟ ଗୌରବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।



ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସମ୍ମାନିତ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ରହି ଧରତୀ ଅବ୍ୱା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିପ୍ଳବୀ ସହିଦ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରାଯାଉଛି। ପରେ ପର୍ବତାରୋହୀ ବଣିଆକିଲିଣ୍ଡା ପଞ୍ଚାୟତ ବ୍ରଜମୋହନପୁର ଗ୍ରାମର ଶଶୀଭୂଷଣ ମାଝୀ, ଲୋକକଳା ଓ ଲୋକ ସଂଗୀତରେ ପାରଦର୍ଶିତା ଲାଭ କରିଥିବା ବାରକୋଟ ବ୍ଲକ ଗୌଡ଼ନାଳୀ ଗ୍ରାମର ସରସ୍ୱତୀ କିସାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୬ ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା, ଦୁଇ ଗୋଟି ଗ୍ରାମବାସୀଙ୍କୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପ୍ରଦାନ କରାଯିବା ସହ ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ ଓ ଉଦ୍ୟାନ ବିଭାଗ ପକ୍ଷରୁ ଦୁଇ ଜଣ ହିତାଧିକାରୀଙ୍କୁ ଜଳ ସେଚନ ପାଇଁ ସ୍ପ୍ରିଙ୍କଲର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ପୌରପରିଷଦ ଉପନଗର ପାଳପ୍ରଜିତ ଭୋଜ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତିନି ବ୍ଲକର ଜନଜାତି ସମ୍ପ୍ରଦାୟ ଲୋକମାନେ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିୟ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଆଇଟିଡିଏ ସନ୍ଧ୍ୟା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ସୁରଭିରେ ମିରର ଥିଏଟରର ପଥପ୍ରାନ୍ତ ନାଟକ ପ୍ରଦର୍ଶିତ



ଝାରସୁଗୁଡ଼ା,୧୫ା୧୧(ସମିସ): ଭୁବନେଶ୍ୱରସ୍ଥିତ କ୍ୟାପିଟଲ ହାଇସ୍କୁଲ ପଡ଼ିଆରେ ଗତ ୧୨ରୁ ୧୪ ତିରଖ ତିନିଦିନଧରି ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ବେଲପାହାଡ଼ସ୍ଥିତ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ତିନିଦିନ ଧରି ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଛି। ରାଜ୍ୟ ପୁଲିସ ସାଇବର ସେଲ ପକ୍ଷରୁ ଅନୁଷ୍ଠିତ ଏହି ପଥପ୍ରାନ୍ତ ନାଟକରେ ମିରର ଥିଏଟରର ଆଶିଷ ମହାନ୍ତି, ସନ୍ତୋଷ ସାହୁ, ସୁଶାନ୍ତ ମହାରଣା, ବିନୟ ପ୍ରଧାନ, ଆୟୁଷୀ ପଟ୍ଟନାୟକ, ସୋନାଲିସା ବିଶ୍ୱାଳ, ବର୍ଷାରାଣୀ ଧଳ ଓ ଖୁସି ସ୍ୱାଇଁ ଏହି ପଥପ୍ରାନ୍ତ ନାଟକରେ ଅଭିନୟ କରିଥିଲେ। ଡ. ସୁବାସ ଚନ୍ଦ୍ର ପ୍ରଧାନ ଏହି ପଥପ୍ରାନ୍ତ ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ସେହିପରି ଶିଶୁ ଦିବସ ଉବସରରେ ଭୁବନେଶ୍ୱରସ୍ଥିତ ମଦର ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ମଧ୍ୟ ଏହି ସାଇବର ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା।

## ହାତୀ ପାଇଁ ଚିନ୍ତାରେ ଚାଷୀ



କୋଲାବିରା,୧୫ା୧୧(ସମିସ): ଦିନକ ପୂର୍ବରୁ ଏକ ଦନ୍ତା ହାତୀ ବେଉଁରା ଜଙ୍ଗଲ ପଟୁ କୋଲାବିରା ଅଞ୍ଚଳକୁ ପ୍ରବେଶ କରି ମହୁଲମୁଣ୍ଡା ଜଙ୍ଗଲରେ ରହିଥିବାବେଳେ ଶୁକ୍ରବାର ପୁଣି ଆଉ ୩ଟି ହାତୀ ବାଗଡିହି ରେଞ୍ଜ ଅଞ୍ଚଳରୁ କୋଲାବିରାକୁ ପହଞ୍ଚିଛନ୍ତି। ବର୍ତ୍ତମାନ କୋଲାବିରା ଅଞ୍ଚଳରେ ସମୁଦାୟ ୪ଟି ହାତୀଙ୍କ ଉପସ୍ଥିତି ବିଷୟରେ ବନବିଭାଗ ପାଖରେ ସୂଚନା ରହିଛି। ହାତୀଙ୍କୁ ଘଉଡ଼େଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବେଳେ ସଂଧ୍ୟା ପର୍ଯ୍ୟନ୍ତ ଗୋଟିଏ ହାତୀକୁ କୋଲାବିରା ନିକଟସ୍ଥ ଚନ୍ଦନିମାଲ ଗ୍ରାମପଟଦେଇ ଆଡ଼େ ଘଉଡ଼ାଇ ଦିଆଯାଇଛି। ଅନ୍ୟ ଦୁଇଟି ହାତୀଙ୍କୁ ଘଉଡ଼ାଇବା ସମୟରେ କୋଲାବିରା ସଂଲଗ୍ନ ସନ୍ୟାସିପାଲି ପତ୍ରା ଜଙ୍ଗଲରେ ପଶିଯାଇଛନ୍ତି। ତେବେ ରାତି ହୋଇଯାଇଥିବାରୁ ହାତୀଙ୍କ ଗତିବିଧି ନୀରିକ୍ଷଣ ହୋଇପାରୁନାହିଁ। ଅନ୍ୟ ଏକ ଦନ୍ତାହାତୀ ମହୁଲମୁଣ୍ଡା ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ହାତୀ ଜନିତ କୌଣସି କ୍ଷୟକ୍ଷତିର ସୂଚନା ନଥିବା ବେଳେ ଚାଷ ଅମଳ ସମୟରେ ପାଚିଲା ଧାନ ଖାଇବା ସହିତ ମାଡ଼ିଦଳି ନଷ୍ଟ କରିବାର ଭୟ ଚାଷୀଙ୍କ ମନରେ ରହୁଛି। ଯଥାଶୀଘ୍ର ଅଞ୍ଚଳରୁ ହାତୀପଲକୁ ଦୂର ସ୍ଥାନକୁ ଘଉଡ଼େଇବାକୁ ଦାବି ହେଉଛି।

## ଆମ ପାଠଶାଳାରେ ଶିଶୁ ଦିବସ ପାଳିତ

ରିଆମାଳ,୧୫ା୧୧(ସମିସ): ରିଆମାଳ ଆମ ପାଠଶାଳାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଡ଼ବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁରେଖା ସାହାଣୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ନିଜକୁ ଆଦର୍ଶ ନାଗରିକ ଭାବେ ଗଢି ତୋଳିବାକୁ ଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଲବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମନ୍ଦୋଦରୀ ମାଝୀ ମଞ୍ଚାସୀନ ଥିଲେ। ପାଠଶାଳାର ଅନ୍ୟତମ ଶିକ୍ଷକ ପ୍ରେମାନନ୍ଦ ସ୍ୱାଇଁ, ଅନ୍ୟତମ ଶିକ୍ଷକ ରମାକାନ୍ତ ଧଳ, ଉମାକାନ୍ତ ଦେହୁରୀ, ଆଶ୍ରିତା ପ୍ରଧାନ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଶେଷରେ ଶିକ୍ଷୟିତ୍ରୀ ଚୁମକି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁମାନେ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଶିଶୁଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ସଂପନ୍ନ

କୋଲାବିରା,୧୫ା୧୧(ସମିସ): କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ କୋଲାବିରାସ୍ଥିତ ମିଳନ ଛକ(ସାହୁପଡା) ଯାତ୍ରାମଣ୍ଡପ ନିକଟରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ କର୍ତ୍ତାରୂପେ ବିମଳ ସାହୁ ଓ ତାଙ୍କ ଧର୍ମପତ୍ନୀ ନନ୍ଦିନି ସାହୁ କାର୍ଯ୍ୟ ତୁଲାଇଥିଲେ। ନାମଯଜ୍ଞରେ ଗ୍ରାମ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଶୁକ୍ରବାର ଅପରାହ୍ଣରେ ନାମସମାପନ, ନଗରଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ମହାପ୍ରସାଦ ସେବନ ଓ ଭକ୍ତମହନ୍ତ ବିଦାୟ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପୂଜକ ଆଶିଷ ପୂଜାରୀ ଏବଂ ଗୁରୁ ପରକ୍ଷିତ ବାହୁକଙ୍କ ତତ୍ତ୍ୱାବଧାନରେ ପୂଜାଦିକାର୍ଯ୍ୟ ସମ୍ପାଦିତ ହୋଇଥିଲା। ସୁରେନ ସାହୁ, ଆଲୋକ ମହାପାତ୍ର, ପ୍ରକାଶ ସାହୁ, ଲଳିତ ସାହୁ, ଫକିର ସାହୁ ଓ ଅନ୍ୟମାନେ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ସାଙ୍ଗକୁ ପରିଚାଳନାରେ ସହଯୋଗ କରିଥିଲେ। କୋଲାବିରା, ତରେଇକେଲା, ଲିଙ୍ଗାପାଲି, କୁଲିତା ସମାସିଂହା, ସମାସିଂହା, ବିଜେପୁର ଭୋଗରାପାଲି, ପିପଲିପାଲି, ସମାସିଂହା କଲୋନୀ ପଡ଼ା ଆଦି ଗ୍ରାମର ସଂକୀର୍ତ୍ତନଦଳ ଏଥିରେ ଭାଗନେଇ ନାମ ସଂକୀର୍ତ୍ତନ କରିଥିଲେ।

## ଗୁରୁ ନାନକଙ୍କ ଜୟନ୍ତୀ ପାଳିତ

ବ୍ରଜରାଜନଗର,୧୫ା୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ବିଭିନ୍ନ ଗୁରୁଦ୍ୱାରା ଠାରେ ଶୁକ୍ରବାର ପ୍ରକାଶ ପର୍ବ ତଥା ଗୁରୁ ନାନକଙ୍କ ୫୫୫ ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବ୍ରଜରାଜନଗର ଗୁରୁଦ୍ୱାରା ଠାରେ ଶିଖ ସମ୍ପ୍ରଦାୟ ତରଫରୁ ସଂକୀର୍ତ୍ତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବ୍ରଜରାଜନଗର ଗୁରୁଦ୍ୱାରା ଠାରୁ ଏକ ସଂକୀର୍ତ୍ତନ ଯାତ୍ରା ବାହାରି ମୁଖ୍ୟ ମାର୍କେଟ ଅଞ୍ଚଳ ପରିକ୍ରମା କରିଥିବା ବେଳେ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ସେହିପରି ଓରିଏଣ୍ଟ ଥାନା ଅନ୍ତର୍ଗତ ବୁଢ଼ୀଜାମ ସ୍ଥିତ ଗୁରୁଦ୍ୱାରା ଠାରେ ଗୁରୁ ନାନକଙ୍କ ଜୟନ୍ତୀ ପାଳନ କରାଯାଇଛି।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ





ଝାରସୁଗୁଡ଼ା,୧୫ା୧୧(ସମିସ): ଜିଲ୍ଲା ପ୍ରଶାସନ, ଜିଲ୍ଲା ଖଣିଜ ପାଣ୍ଠି ଏବଂ ପିପୁଲସ ଫୋରମ୍ ଦ୍ୱାରା ପରିଚାଳିତ ମିଶନ ଆଶ୍ରା ୧ ଓ ମିଶନ ଆଶ୍ରା ୨ରେ ଚିକିତ୍ସିତ ହେଉଥିବା ମାନସିକ ବିକାର ଗ୍ରସ୍ତ ମହିଳାମାନେ କେନ୍ଦ୍ରର କର୍ମଚାରୀଙ୍କ ସହ ମିଶି ମିଶନ ଆଶ୍ରା ପ୍ରାଙ୍ଗଣରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଛନ୍ତି। ୩୦ ଜଣ ଅନ୍ତେବାସିନୀ ଓ କର୍ମଚାରୀମାନେ ମିଶନ ଆଶ୍ରା ପରିସରରେ ଥିବା କୃତ୍ରିମ ପୋଖରୀରେ ଡଙ୍ଗାକୁ ଭସାଇଥିଲେ। ପରେ ଅନ୍ତେବାସିନୀମାନେ ନିକଟସ୍ଥ ଇବ୍ ନଦୀକୁ ଯାଇ "ଆ କା ମା ବୈ ପାନ ଗୁଆ ଥୋଇ' ଗୀତକୁ ମିଳିମିଶି କରି ଗାଇ କରି ବୋଇତକୁ ଭସାଇଥିଲେ। ପରେ ବୋଇତ ବନ୍ଦାଣ ସାରି ଅନ୍ତେବାସିନୀଙ୍କୁ ନେଇ ବ୍ରଜରାଜନଗରସ୍ଥିତ ସାଇ ମନ୍ଦିର ଦର୍ଶନ କରି ମାନସିକ ରୋଗରୁ ସମ୍ପୂର୍ଣ୍ଣ ଭଲ ହୋଇ ଘରକୁ ଫେରିବାକୁ କାମନା କଲେ।



■ ଇବଥର୍ମାଲ: ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲସ୍ଥିତ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବନ୍ଧବାହାଲ କଲ୍ୟାଣମଣ୍ଡପରେ ୧୮ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଂଜୟ କୁମାର ଝା, ସମ୍ମାନିତ ଅତିଥି ଭାବେ ବେଲପାହାଡ଼ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସିଂହ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ତୈଳିକ ସମାଜର ଉପସଭାପତି ଇଂ.ଦେବାଶିଷ ସାହୁ ଯୋଗଦେଇ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଭାପତି ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବନ୍ଧବାହାଲର ତିନିଜଣ ପ୍ରତିଭା ଶ୍ରଦ୍ଧାଞ୍ଜଳି ପତି, ମନିଶା ମିଶ୍ର ଓ ଆଲିଶା ବାର୍ଲା ୨୦୨୨ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସମାଜର କୁନିକୁନି କଳାକାରଙ୍କ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉପ ସଭାପତି ରବୀନ୍ଦ୍ର ସା ଧନ୍ୟବାଦ ଅର୍ପଣ କରିଥିଲେ।

■ କୋଲାବିରା: କୋଲାବିରା ତଥା ଉପାନ୍ତ ଅଞ୍ଚଳରେ ତେଲେନ ନଦୀ ତଥା ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଦଳି ପଟୁଆ ଡଙ୍ଗାରେ ପାନ ଓ ଗୁଆ ଥୋଇ ଦୀପ ଜାଳି ଶ୍ରଦ୍ଧାଳୁମାନେ ଆ କା ମା ବୈ ଉଚ୍ଚାରଣ କରି ଡଙ୍ଗା ଭସାଣ କରିଥିଲେ। ଏହି ଅବସରରେ ବହୁସ୍ଥାନରେ ପୂଜାର୍ଚ୍ଚନା, ଦେବନୀତି, ଭଜନ ସମାରୋହ, ଅଷ୍ଟପ୍ରହରୀ ନାମଯଜ୍ଞ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦେବାଳୟଗୁଡିକ ଚଳଚଞ୍ଚଳ ହୋଇଥିବା ବେଳେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କୋଲାବିରାସ୍ଥିତ ମିଳନ ଛକ, ଯାତ୍ରା ମଣ୍ଡପ, କୁଲିତା, ସମାସିଂହା, ରଘୁନାଥପାଲି, ବେଲମୁଣ୍ଡାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବଡ଼ବାହାଲ କାର୍ତ୍ତିକେଶ୍ୱର ପୂଜା କମିଟି ଦ୍ୱାରା ରିତେଶ ପଟେଲ, ସୁରଜ ପଟେଲ ଓ ଅନିରୁଦ୍ଧ ନାଏକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆନ୍ତଃଜିଲ୍ଲା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ

ଦେବଗଡ଼,୧୫ା୧୧(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନର ନିଷ୍ପତ୍ତି କ୍ରମେ ଦେବଗଡ଼ ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସୀୟ ମ୍ୟାଚ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ୨ ୱିକେଟ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍



ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୯.୪ ଓଭର୍‌ରେ ସମସ୍ତ ୱିକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ତିର୍କି ୫୬ ରନ କରିଥିବା ବେଳେ ବୁଢ଼ାପାଳ ଦଳର ରାଜା ବେହେରା ୪, ହରିଚନ୍ଦ୍ର ଭୋଇ ଓ ଓମ୍‌ରାଜ୍ ପ୍ରଧାନ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ବୁଢ଼ାପାଳ ଦଳ ୨୬.୫ ଓଭରରେ ୮ ୱିକେଟ ହରାଇ ୧୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପପୁ ଘଟୁଆଲ ୪୩ ଓ ରାଜେନ୍ଦ୍ର ପ୍ରଧାନ ୩୧ ରନ କରିଥିବା ବେଳେ ରାଇଜିଂ ଷ୍ଟାର୍ ଦଳର ଶୁଭମ୍ ଦାସ, ରୁଦ୍ର ନାରାୟଣ ଭଞ୍ଜ ଓ ଏସ୍‌କେଏମ୍ ନକିବ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ସଞ୍ଜୟ ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ ଜିଲ୍ଲା କ୍ରିକେଟ୍ ସଂଘର ସମ୍ପାଦକ ସୁଜିତ୍ କୁମାର ପ୍ରଧାନ, ଅଶୋକ ନନ୍ଦ, ଅଭୟ ନନ୍ଦ ଓ ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି(ଶନିବାର) ମ୍ୟାଚ ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ଦେବଗଡ଼ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

